# ଏକାଦଶ ଯୋଜନାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶାର ଭାଗ

**ସହଦେବ ସାହୁ**

ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଉଚ୍ଚ ଶିକ୍ଷାର ବିସ୍ତାର ପାଇଁ ଭାରତ ସରକାର ଏକ ନୂଆ ଆଭିମୁଖ୍ୟ ଗ୍ରହଣ କରିଛନ୍ତି, ତାହା ହେଉଛି ଆକ୍‌ସେସ୍, ଇକ୍ୱିଟି ଓ କ୍ୱାଲିଟି । ଆକ୍ସେସ୍ ଅର୍ଥ ସହଜରେ ପିଲା କଲେଜ ଓ ୟୁନିଭର୍ସିଟିରେ ପଶିପାରିବେ, ତେଣୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଖରେ ହେବ ଓ ପିଲାଏ ଶସ୍ତାରେ ପଢ଼ିବେ । ଇକ୍ୱିଟି ଅର୍ଥ ଉଚ୍ଚଶିକ୍ଷା ଦୃଷ୍ଟିରୁ ଅବହେଳିତ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଖର୍ଚ୍ଚରେ ବିଶ୍ୱବିଦ୍ୟାଳୟ ପାଇବେ । କ୍ୱାଲିଟି ଅର୍ଥ ଏ ପ୍ରକାରର ଅନୁଷ୍ଠାନରେ ଶିକ୍ଷାର ମାନ ବିଶ୍ୱସ୍ତରୀୟ ହେବ । ଦେଶରେ ୩୦ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ, ତହିଁରୁ ୧୬ଟି କେବଳ ଯେଉଁ ରାଜ୍ୟଗୁଡ଼ିକରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାହିଁ ସେଠାରେ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ସହାୟତାରେ ସ୍ଥାପନ କରାଯିବ । ସାରା ଦେଶରେ ୩୦ଟି ରାଜ୍ୟ ଭିତରୁ ୧୪ଟିରେ ୨୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି । ଆନ୍ଧ୍ରପ୍ରଦେଶରେ ୨, ଅରୁଣାଚଳ ପ୍ରଦେଶରେ ୧, ଆସାମରେ ୨, ଦିଲ୍ଲୀରେ ୪, ମହାରାଷ୍ଟ୍ରରେ ୧, ମଣିପୁରରେ ୨, ମେଘାଳୟରେ ୧, ମିଜୋରାମରେ ୧, ନାଗାଲାଣ୍ଡରେ ୧, ପଣ୍ଡିଚେରୀରେ ୧, ସିକିମିରେ ୧, ତ୍ରିପୁରାରେ ୧, ଉତ୍ତର ପ୍ରଦେଶରେ ୪ ଏବଂ ପଶ୍ଚିମବଙ୍ଗରେ ୧ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନ ଥିବା ୧୬ଟି ରାଜ୍ୟ ହେଲା ଉତ୍ତରାଖଣ୍ଡ, ଓଡ଼ିଶା, କର୍ଣ୍ଣାଟକ, କେରଳ, ଗୁଜରାଟ, ଗୋଆ, ଛତିଶଗଡ଼, ଜାମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ, ତାମିଲନାଡୁ, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା ଓ ହିମାଚଳପ୍ରଦେଶ । ଯେ ପର୍ଯ୍ୟନ୍ତ କେହି ଆଇନ ତା ବାଟରେ ଯିବ କହିଲା ଭଳି ଗାଇଡ୍‌ଲାଇନ ବଦଳାଇ ନାହିଁ, ଓଡ଼ିଶା ଭାଗରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମିଳିବ । ବାକି ୧୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେଉଁଠି ବସିବ, ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଭିତ୍ତିରେ ସ୍ଥିର ହେବ । ତନ୍ମଧ୍ୟରୁ ଓଡ଼ିଶା ଗୋଟିଏ ପାଇବ ନାହିଁ ? ଦିଲ୍ଲୀ ଓ ଉତ୍ତରପ୍ରଦେଶ ୪ ଲେଖାଏଁ ଆନ୍ଧ୍ର, ଆସାମ, ମଣିପୁର ୨ ଲେଖାଏଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଛନ୍ତି । ସେପ୍ଟେମ୍ବର ୧୪ରେ ପ୍ରଧାନମନ୍ତ୍ରୀ ଯୋଜନା କମିଶନର ପୂର୍ଣ୍ଣାଙ୍ଗ ବୈଠକରେ ତାଙ୍କର ଅଗଷ୍ଟ ୧୫ ଭାଷଣକୁ ଦୋହରାଇ କହିଲେ ଯେ ସ୍ଥାନ ନିରୂପଣ ୨ ମାସ ମଧ୍ୟରେ କରାଯାଉ । ଇତିମଧ୍ୟରେ ଏକ ମାସ ବିତିଗଲାଣି । ଆମେ ଆମର ରାଜନୈତିକ ନିଷ୍ପ୍ରଭତା ଯୋଗୁଁ ଆଇଆଇଟି ହରାଇଛୁ, କେନ୍ଦ୍ରର ମାନବସମ୍ବଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଘୋଷଣା କରିବା ସତ୍ତ୍ୱେ ଆଇଆଇଟିଟି ମିଳିଲା ନାହିଁ । ଆଗରୁ ତ ୟୁଜିସି ତା'ର କାଗଜପତ୍ରରେ ଲେଖିଥିବା ସତ୍ତ୍ୱେ ଓ ରାଷ୍ଟ୍ରପତିଙ୍କ ଭାଷଣରେ ଉଲ୍ଲେଖ ଥିବା ସତ୍ତ୍ୱେ ଆମେ ଜାତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନଟିଏ ପାଇଲୁ ନାହିଁ । ଏବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କଥା: ଆମ ମୁଖ୍ୟମନ୍ତ୍ରୀ ତ ପ୍ରଧାନମନ୍ତ୍ରୀଙ୍କୁ ଆଗରୁ ଲେଖି ସାରିଛନ୍ତି, ଏବେ ପ୍ରଧାନମନ୍ତ୍ରୀଙ୍କ ୨ ମାସ ସମୟ ନିର୍ଘଣ୍ଟ ସିରଆସୁଥିବାବେଳେ ଆଉ ଥରେ ଗୋଟିଏ ନୁହେଁ, ଦୁଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଲେଖିବା ଓ ସବୁ ନେତାଏ ଚାପ ପକାଇବା ଦରକାର ।

**ଦୁଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କାହିଁକି ଦରକାର ?** ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ, ବିଶେଷତଃ କେବିକେ ଅଞ୍ଚଳର ୮ଟି ଜିଲା ଓ ଗଜପତି ଫୁଲବାଣୀ ଭଳି ଜିଲାରେ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ନାହିଁ, କାରଣ ସେଠାର ଆଦିବାସୀ ଓ ଗରିବ ପିଲାମାନେ ଘରୋଇ କଲେଜଗୁଡ଼ିକର ମନଚାହିଁ ଦରମା ଦେଇପାରିବେ ନାହିଁ ଏବଂ ଉପକୂଳ କଲେଜଗୁଡ଼ିକୁ ପଠାଇ ପାରିବା ସାମର୍ଥ୍ୟ ସେମାନଙ୍କ ପରିବାରର ନାହିଁ । ଘରୋଇ ଶିକ୍ଷାନୁଷ୍ଠାନମାନେ କେବଳ ଧନୀ ଘରର ପିଲାମାନଙ୍କୁ ଗ୍ରହଣ କରୁଛନ୍ତି । ଘରୋଇ କଲେଜମାନେ ସିଟ୍ ବିକିବାକୁ ମୂଳଲକ୍ଷ୍ୟ କରିଥିବାରୁ ଶିକ୍ଷା ଏକ ବିକ୍ରୟ ସାମଗ୍ରୀ ହୋଇଛି, ବଜାରର ପରିବାବିକାଳୀ ଓଜନରେ ଠକିଲେ ଓ ଖରାପ ପରିବା ବିକିଲେ ଅନ୍ତତଃ କେତେକଙ୍କ ଆଖିରେ ପଡ଼ିବ, କିନ୍ତୁ ଡିଗ୍ରୀବିକାଳୀ କଲେଜ କର୍ତ୍ତୃପକ୍ଷ ପଢ଼ାପଢ଼ିରେ ଠକିଲେ, ପରୀକ୍ଷାଗାରର କାମ ଯଥାତଥା କରାଇଲେ, ସେମାନଙ୍କୁ କିଏ ଦେଖୁଛି ? ଶିକ୍ଷାର ମାନ ରହୁନାହିଁ ଏବଂ ପଢ଼ାଇବା ପାଇଁ ଉତ୍ତମ ଶିକ୍ଷକ ରଖାଯାଉ ନାହିଁ । ୟୁନିଭର୍ସିଟି ଗ୍ରାଣ୍ଟସ୍ କମିଶନ, ଅଲ୍ ଇଣ୍ଡିଆ କାଉନସିଲ ଅଫ୍ ଟେକ୍ନିକାଲ ଏଜୁକେସନ, ଭେଟେରିନାରୀ କାଉନସିଲ ଅଫ୍ ଇଣ୍ଡିଆ ଭଳି ନିୟନ୍ତ୍ରଣକାରୀ ସଂସ୍ଥାମାନେ ଯେଉଁମାନଙ୍କୁ ପଠାନ୍ତି ସେମାନେ ଉପହାରରେ ଏତ ଖୁସୀ ହୋଇଯାଆନ୍ତି ଯେ ଜମି ପରିମାଣ ଓ ଚକ୍‌ଚକ୍ କୋଠା ଦେଖି ହଁ ମାରି ଦେଉଛନ୍ତି । ପାଠପଢ଼ା ବା ଡିଗ୍ରୀକୁ ସ୍ୱୀକୃତି ଦେବା ପାଇଁ ନିଯୁକ୍ତ ନାସ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡ଼ିଟେସନ କମିଟି ମଧ୍ୟ ଉପଯୁକ୍ତ ଯୋଗ୍ୟତାର ଓ ଅଭିଜ୍ଞତାର ଶିକ୍ଷକ ଅଛନ୍ତି କି ନାହିଁ ତା ପ୍ରତି ଆଖି ବୁଜି ଦିଅନ୍ତି । ଶିକ୍ଷକ ସଂଖ୍ୟା, କ୍ରୀଡ଼ାଭୂମି, ଲାଇବ୍ରେରୀ ଓ ଲାବରେଟୋରୀ ଆଦି ଯୋଗାଇବାରେ କିଛି ଅଭାବ ଥିଲେ ତାହା ସୁଧାରିବା ପାଇଁ କେତେକ ଘରୋଇ ଅନୁଷ୍ଠାନ ଯଥେଷ୍ଟ ହାତଗୁଞ୍ଜା ଦେବାକୁ ପଛାନ୍ତି ନାହିଁ । କାରଣ ଥରେ ଅନୁଷ୍ଠାନଟି ସ୍ୱୀକୃତିପ୍ରାପ୍ତ ହୋଇଗଲେ ଉଚ୍ଚଶିକ୍ଷା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଶିକାର ହୋଇଯିବେ । ସରକାର ନିଜେ ବା କୋର୍ଟ ନିର୍ଦ୍ଦେଶରେ ବିଭିନ୍ନ ପାଠ୍ୟକ୍ରମ ପାଇଁ ଯାହା ଦରମା (ଫି) ଧାର୍ଯ୍ୟ କରିଥାନ୍ତି, ତା' ପ୍ରତି ଆଖିମିଟିକା ମାରି ବିନା ଲେଖାପଢ଼ାରେ ଘରୋଇ ଶିକ୍ଷାନୁଷ୍ଠାନମାନେ ପିଲାଙ୍କଠାରୁ ସିଟ୍ ପିଛା ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି । ପ୍ରବାସୀ ଭାରତୀୟଙ୍କ ପିଲାହେଲେ ସେମାନଙ୍କଠାରୁ ଡଲାର ଆଦାୟ ହେଉଥିବାରୁ ବେଶି ଲାଭ । ଆପଣ ଯଦି ପାରନ୍ତି ଆପଣଙ୍କ ଅତି କଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାକୁ ପ୍ରବାସୀ ପିଲା ହିସାବରେ ଆଡ଼ମିଶନ କରାଇପାରିବେ, ମେରିଟ୍‌ର ପ୍ରଶ୍ନ ନାହିଁ, ପଇସା ହିଁ ମେରିଟ୍ । ଏଭଳି ଧୁଧିଆଳୀ ପିଲାଙ୍କୁ କଲେଜ କର୍ତ୍ତୃପକ୍ଷ କେବେ ଫେଲ୍ କରିବାକୁ ଚାହିଁବେ ନାହିଁ । ଏହାର ଦୁଇଟା କାରଣ । ପିଲା ଫେଲ ହେଉଛନ୍ତି ଜାଣିଲେ କଲେଜ କମ୍ ପିଲା ପାଇବ, ଶିକ୍ଷାନୁଷ୍ଠାନ ଭଲ ନୁହେଁ ବୋଲି ପ୍ରଚାର ହେବ । ଦ୍ୱିତୀୟ କାରଣ ହେଲା ପିଲାଟିଏ ଫେଲ୍ ହେଲେ ଗୋଟିଏ ସିଟ୍ ବନ୍ଦ ହୋଇ ରହେ, ନୂଆ ସିଟ୍ ଫାଙ୍କା ରହିବ । ଫଳରେ ଘରୋଇ ଅନୁଷ୍ଠାନଟି ଲକ୍ଷ ଲକ୍ଷ ଟଙ୍କା ପାଇବାର ସୁଯୋଗ ହରାଇବ । ଏଣୁ ଅନୁଷ୍ଠାନର କର୍ତ୍ତୃପକ୍ଷମାନେ ଯେନତେନ ପ୍ରକାରେଣ ପିଲାଙ୍କୁ ୧ମ ବର୍ଷରୁ ପାସ୍ କରାଇ ନେବାର ବନ୍ଦୋବସ୍ତ କରାନ୍ତି, କପି କରିବାତ ଗୋଟିଏ ସାଧାରଣ ଅସ୍ତ୍ର । ପଇସା ଦେଇପାରିଲେ ପିଲା ତା ମାର୍କ ବା ନମ୍ବର କିଣି ପାରିବ । ଏପରି ଚାଲୁ ରହିଲେ ଆଗାମୀ ପିଢ଼ିର ଡାକ୍ତର, ଇଞ୍ଜିନିୟର, ପ୍ରଶାସକ ଆଦିଙ୍କ ଭିତରେ ଅର୍ଥାଭିମୁଖୀ ସେବାବିମୁଖ ପିଲା ଭର୍ତ୍ତି ହୋଇଯିବେ । ମେରିଟ୍ ତଥା ପ୍ରାକ୍ଟିକାଲ ଜ୍ଞାନ ପାଇନଥିବା ପିଲାଏ ଡାକ୍ତର, ଇଞ୍ଜିନିୟର ହେଲେ ସମାଜର ଅବସ୍ଥା ଯାହା ହେବ ତାହା ଅନୁଭବ କରି ପ୍ରଧାନମନ୍ତ୍ରୀ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ମସୁଧା କରିଛନ୍ତି ।

**କେବିକେ ଅଞ୍ଚଳରେ ପ୍ରଥମ ଓ ଅନ୍ୟତ୍ର ଦ୍ୱିତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେବା ଦରକାର:** ଆଇଟି (ଇନ୍‌ଫର୍ମେସନ ଟେକ୍ନୋଲୋଜି) ବିସ୍ଫୋରଣରେ କିପରି ଆବଶ୍ୟକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ଉଚ୍ଚ ଦରମାରେ ଦୂର ଦୂରାନ୍ତରେ କାମ କରୁଛନ୍ତି ଏବଂ ସେମାନଙ୍କ ରୋଜଗାରର ଉଛୁଳା ଅଂଶ ସେମାନଙ୍କ ପରିବାରର ସ୍ୱଚ୍ଛଳତା ବଢ଼ାଉଛି ତଥା ସେମାନଙ୍କ ଗ୍ରାମର ବିକାଶ ପ୍ରତି ଦରଦ ଆଣୁଛି ତାହା ଆମେ ଦେଖୁଛୁଁ । ଓଡ଼ିଶାର ଯେଉଁ ଏକତୃତୀୟାଂଶ ଭୂମି କେବିକେ ଏରିଆ (ପୁରୁଣା କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲା) ତାହା ଦରିଦ୍ର, ଅନୁନ୍ନତ ଓ ଅବହେଳିତ, ଏବଂ ଆଦିବାସୀବହୁଳ । ଦାରିଦ୍ର୍ୟ ଯୋଗୁଁ ଶିକ୍ଷାର ଅଭାବ, ଶିକ୍ଷାର ଅଭାବରୁ ଆତ୍ମପ୍ରତ୍ୟୟ ବା ଇନିସିଏଟିଭ୍‌ର ଅଭାବ, ସେଥିଯୋଗୁଁ ଦାରିଦ୍ର୍ୟ- ଏଭଳି ଏକ ଚକ୍ରରେ କେବିକେର ଲୋକେ ପଡ଼ିଛନ୍ତି । ଦାରିଦ୍ର୍ୟର ଏ ଚକ୍ରକୁ ଫିଙ୍ଗି ଦେବା ପାଇଁ ମାଗଣା ବା ସ୍ୱଳ୍ପ ମୂଲ୍ୟରେ ଉଚ୍ଚ ଶିକ୍ଷା ସର୍ବାଦୌ ଆବଶ୍ୟକ । ଏହା କେବଳ ସରକାର କରିପାରିବେ । ସ୍ୱାସ୍ଥ୍ୟ କେବଳ ବ୍ୟକ୍ତିବିଶେଷକୁ ସୁସ୍ଥ ରଖେ, ଭିତ୍ତିଭୂମି ବିକାଶ କେବଳ ଇଲାକାକୁ ସୁସ୍ଥ କରେ, ସମାଜକୁ ସୁସ୍ଥ ରଖିବାକୁ ହେଲେ ଶିକ୍ଷା ଦରକାର । ଗରିବକୁ ଧନୀ ହେବାର ବା ଧନୀ-ଗରିବ ବ୍ୟବଧାନ ଦୂର କରିବାର ସାଧନ ହେଉଛି ଶିକ୍ଷା । କେବିକେ ଅଞ୍ଚଳରେ ଉଚ୍ଚ ଶିକ୍ଷାର ଉଲ୍ଲେଖଯୋଗ୍ୟ ଅନୁଷ୍ଠାନ ନାହିଁ । କେବିକେ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ବଡ଼ ଚିନ୍ତିତ ଦେଖାଯାନ୍ତି, କେବିକେ ଅଞ୍ଚଳରେ ବିମାନବନ୍ଦର ବା ବଡ଼ ରେଲଷ୍ଟେସନ ପାଖ ବିସ୍ତୃତ ସ୍ଥାନରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ ଓ କେବିକେ ଅନ୍ତର୍ଭୁକ୍ତ ଜିଲାର ସଦର ମହକୁମାରେ ତାହାର ଶାଖା ସ୍ଥାପନ କରାଯାଉ । ଏହା କରିପାରିଲେ କେବିକେ ଇଲାକାର ଲୋକଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଦରଦର ଏକ ପ୍ରକୃଷ୍ଟ ନିଦର୍ଶନ ମିଳନ୍ତା ।

କେନ୍ଦ୍ର ସରକାର ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ବସାଇବେ, ତାହା ରାଜ୍ୟ ସରକାର କରିପାରିବେ ନାହିଁ । ରାଜ୍ୟ ସରକାରଙ୍କ ଏତେ ସମ୍ବଳ ନାହିଁ, ଉଭୟ ମାନବ ସମ୍ବଳ ଓ ଅର୍ଥ ସମ୍ବଳ । ଜାତୀୟ ଅନୁଷ୍ଠାନରେ କର୍ମଚାରୀମାନେ ସର୍ବଭାରତୀୟ ହୋଇଥିବାରୁ ଯେ କୌଣସି ସ୍ଥାନରେ ଅବସ୍ଥାପିତ ହେଲେ ସେତେ ବେଶି ଆପତ୍ତି କରନ୍ତି ନାହିଁ, ଯଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନ ଜିଲାର ମଫସଲ ଅଞ୍ଚଳରେ ଥାଇ ମଧ୍ୟ ଉପଯୁକ୍ତ ଶିକ୍ଷକ ପାଇପାରୁଛି ଓ ଶିକ୍ଷାର ମାନ ରଖିପାରୁଛି । ଓଡ଼ିଶାର ୩୦ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ମେରିଟ୍‌ର ପିଲାମାନେ ଦାରିଦ୍ର୍ୟ ଯୋଗୁଁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଆଉ ଗୋଟିଏ କଥା ଯେ ପ୍ରଫେସନାଲ କଲେଜଗୁଡ଼ିକରେ ପଢ଼ି ଲୋକେ ଭାରତୀୟ ମାନବିକତା, ପାରିବାରିକ ମୂଲ୍ୟବୋଧ, ଭାରତୀୟ ସଂସ୍କୃତି ଭୁଲି ପାଶ୍ଚାତ୍ୟ ଚାକଚକ୍ୟର ହନୁକରଣ କରୁଛନ୍ତି । ଚାକିରି ଅଭାବ ଓ କମ୍ ଦରମା ଯୋଗୁଁ ଲୋକେ ଶୁଦ୍ଧ କଳା ଓ ଶୁଦ୍ଧ ବିଜ୍ଞାନ ପଢ଼ିବା ଛାଡ଼ି ଦେଲେଣି । ଦିନରାତି ଖଟିବାକୁ ପଛୁପଛେ ମେରିଟ୍ ଥିବା ପିଲାମାନେ ବେଶି ଦରମା ମିଳୁଥିବା କାମରେ ପଶୁଛନ୍ତି । ଗବେଷଣା ପ୍ରତି କେହି ଆକୃଷ୍ଟ ହେଉନାହାନ୍ତି । ଭଲ ବୈଜ୍ଞାନିକ ଓ ଭଲ ଦାର୍ଶନିକ ବା ଅନ୍ୟ ପ୍ରକାର ସୃଜନ-ଉଦ୍ଭାବନ-କଳ୍ପନା ପ୍ରବଣ ହେବାର ମୂଳଦୁଆ ଯେଉଁ ମେଧା ତାକୁ ଛାତ୍ରମାନେ ଚାକରି ସର୍ବସ୍ୱ ପାଠରେ ଲଗାଉଛନ୍ତି, ଗରିବ ପରିବାରର ପିଲାଏ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଦିନଆସିବ ଗବେଷକ, ବୈଜ୍ଞାନିକ, ଦାର୍ଶନିକ ଆଦିଙ୍କ ଅଭାବ ଘଟିବ । ଏ ଆଭିମୁଖ୍ୟ ବନ୍ଦ କରିବାକୁ ପଡ଼ିବ । ଉଚ୍ଚଶିକ୍ଷା ସାର୍ବଜନୀନ ନ ହେଲେ ଏବଂ ଶୁଦ୍ଧ ବିଜ୍ଞାନ ଓ ଶୁଦ୍ଧ କଳା ପାଠ୍ୟକ୍ରମ ପ୍ରତି ମେଧାବୀ ଛାତ୍ରମାନଙ୍କୁ ଆକୃଷ୍ଟ କରିନପାରିଲେ ଦେଶର ଭବିଷ୍ୟତ ଅନ୍ଧକାର । ଏ କାମରେ ତତ୍‌କ୍ଷଣାତ୍ ଲାଭ ନ ଥିବାରୁ ଘରୋଇ ଉଦ୍ୟମ ହେବ ନାହିଁ, ଏ କଥା ଉପଲବ୍ଧି କରିଥିବା ସରକାର ୧୧ଶ ଯୋଜନାରେ ଉଚ୍ଚଶିକ୍ଷାର ଆଭିମୁଖ୍ୟ ବଦଳାଇଛନ୍ତି । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏକ ବହୁପ୍ରତ୍ୟାଶିତ ଉଚିତ ପଦକ୍ଷେପ । ଓଡ଼ିଶାର ଲୋକସଂଖ୍ୟା ଦୃଷ୍ଟିରୁ (ଭାରତରେ ୧୧ଶ ସ୍ଥାନ) ଓ ଭୌଗୋଳିକ ପ୍ରଶସ୍ତି (ଭାରତରେ ୯ମ ସ୍ଥାନ) ଯୋଗୁଁ ୨ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦରକାର । ତା ନ ହେଲେ ଉଚ୍ଚ ଶିକ୍ଷାରେ ପ୍ରବେଶ ପରିମାଣ ଏବର ୧୦ ଶତାଂଶରୁ ୧୫ ଶତାଂଶକୁ ବଢ଼ାଇବାର ୧୧ଶ ଯୋଜନାର ଯେଉଁ ଲକ୍ଷ୍ୟ ରହିଛି ତାହା ସମ୍ଭବ ହେବ ନାହିଁ ।

**ରେଭେନ୍‌ସାକୁ ଦ୍ୱିତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରୂପାନ୍ତର କରାଯାଉ:** କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନ ଥିବା ରାଜ୍ୟରେ ବିଶ୍ୱବିଦ୍ୟାଳୟଟିଏ ନିଶ୍ଚିତ ଦେବାର କାରଣ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ଲୋକଙ୍କ ହାତପାଆନ୍ତାକୁ ଆଣିବା (ଏହା ହିଁ ଆକ୍ସେସ୍‌ର ମାନେ) । ୩କୋଟି ୭୫ ଲକ୍ଷ ଲୋକଙ୍କ ପାଇଁ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କ'ଣ ଉଚ୍ଚ ଶିକ୍ଷାକୁ ଏତେ ଆଗେଇ ନେଇ ପାରିବ ? ବାକି ୧୪ଟି ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ମୂଳକ ହେଉଥିବାରୁ ଯେଉଁ ରାଜ୍ୟ ଯେତେ ବେଶି ଅନୁରୂପ ବ୍ୟୟ ଓ ଭିତ୍ତିଭୂମି ବହନ କରିବ ସେ ସେତେ ଯୋଗ୍ୟ ବିବେଚିତ ହେବ । ତେଣୁ ଆମର ଯୁକ୍ତି ହେବ ଯେ ଅନ୍ୟ ରାଜ୍ୟ ତୁଳନାରେ ଆମେ କାହିଁକି ୨ୟ ବିଶ୍ୱବିଦ୍ୟାଳୟ ପାଇଁ ହକ୍‌ଦାର ? କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟବିହୀନ ରାଜ୍ୟ ହିସାବରେ ୧୬ଟିରୁ ଗୋଟିଏ ପାଇବ ପରେ ଭୌଗୋଳିକ ଆୟତନ ଦୃଷ୍ଟିରୁ ଓଡ଼ିଶା ଦେଶର ୯ମ ଏବଂ ଜନସଂଖ୍ୟା ଦୃଷ୍ଟିରୁ ୧୧ଶ ହୋଇଥିବାରୁ ବାକି ୧୪ଟିରୁ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଭାଗରେ ପଡ଼ିବା କଥା । ୧୧ଶ ଯୋଜନାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେଉଁ ୩ଟି ଲକ୍ଷ୍ୟ ରଖାଯାଇଛି ତାହାହେଲା- ପାଖରେ ଉଚ୍ଚ ଶିକ୍ଷା ମିଳିବ, ରାଜ୍ୟ ରାଜ୍ୟ ଭିତରେ ଅସମାନତା କମିବ ଓ ଶିକ୍ଷାର ମାନ ରକ୍ଷା କରାଯିବ । ଓଡ଼ିଶା ଭଳି ଶିକ୍ଷାନୁଗ୍ରସର ରାଜ୍ୟକୁ ଦୁଇଟି ଲେଖାଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନ ଦେଲେ ସେ ଲକ୍ଷ୍ୟ ପୂରଣ ହେବ ନାହିଁ । ପ୍ରାୟ ୪କୋଟି ଜନସଂଖ୍ୟାରେ ୨୦ ରୁ ୨୪ ବର୍ଷ ବୟସର ପିଲାଙ୍କୁ ଉଚ୍ଚଶିକ୍ଷା ଯୋଗ୍ୟ ମାନିଲେ ଓଡ଼ିଶାରେ ପ୍ରତି ୧୦୦୦ରେ ମାତ୍ର ୭୧ (ଏନ୍‌ଏନ୍‌ଏସ୍ ରିପୋର୍ଟ: ୨୦୦୪-୦୫), ଅନ୍ୟ ସବୁ ରାଜ୍ୟଠାରୁ କମ୍ । ଏପରି କି ବିହାରରେ ଉଚ୍ଚଶିକ୍ଷା ପାଇଁ ଭର୍ତ୍ତି ହୋଇଥିବା ପିଲା ସଂଖ୍ୟା ଏହାଠାରୁ ବେଶି, ୮୭ । ଓଡ଼ିଶାରେ ୧୫ ଶତାଂଶ ହେବା ଲାଗି ଆହୁରି ୮୯ ପିଲା କଲେଜ ମାଡ଼ିବ ଦରକାର, ବିହାର ପାଖ ହେଲା ଲାଗି ଆଜିଠୁ ହଜାରକେ ଅଧିକା ୨୮ଟି ପିଲା ପାଇଁ କଲେଜରେ ସିଟ୍ ମିଳିବା ଦରକାର, କେବଳ ସେତିକି ନୁହେଁ, ଶସ୍ତାରେ ମିଳିବା ଲାଗି ସରକାରୀ କଲେଜ ବା ବିଶ୍ୱବିଦ୍ୟାଳୟ ହେବା ଦରକାର । ରାଜ୍ୟ ଏବେଠାରୁ ୨ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଲେ ଉଚ୍ଚଶିକ୍ଷାରେ ଗରିବ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିପାରିବ । ଯେଉଁ ଗରିବୀ ଓ ଶିକ୍ଷାଭାବ କାରଣରୁ ଉତ୍ତରପୂର୍ବାଞ୍ଚଳର କେତେକ ରାଜ୍ୟକୁ ୨ଟି ଲେଖାଏଁ ଦିଆଯାଇଛି, ସେହି କାରଣରୁ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ବିହାର ଆଦି ରାଜ୍ୟ ଏକାଧିକ ବିଶ୍ୱବିଦ୍ୟାଳୟ ପାଇବା କଥା ।

ଆବଶ୍ୟକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ଉପସ୍ଥିତ ସ୍ୱୟଂଶାସିତ କଲେଜ ବା ସରକାରୀ ୟୁନିଭର୍ସିଟିକୁ ଅର୍ପଣ କରାଯାଇପାରେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏକକ (ୟୁନିଟାରୀ) ସଂସ୍ଥା, ତାହାର ଶାଖା ରହିପାରେ, କିନ୍ତୁ ସହବନ୍ଧିତ (ଆଫିଲିଏଟ୍) କଲେଜ ନଥାଏ । ସେ ଦୃଷ୍ଟିରୁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କରାଯିବା ପ୍ରସ୍ତାବ ଦିଆଗଲେ ତାହା ଗ୍ରହଣୀୟ ହୋଇପାରେ । ଜେଏନ୍‌ୟୁ ଓ ବିଏଚ୍‌ୟୁ ଭଳି ରେଭେନ୍ସା ଗୋଟିଏ ଏକକ ବିଶ୍ୱବିଦ୍ୟାଳୟ । 'ରେଭେନ୍ସା'ର ଇତିହାସ, ଐତିହ୍ୟ ଓ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ତାକୁ ଘେନି ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କରିବାରେ କୌଣସି ଅସୁବିଧା ରହିବା କଥା ନୁହେଁ । ଏ ଦିଗରେ ସରକାର ପ୍ରସ୍ତାବ ଦିଅନ୍ତୁ ଏବଂ ବିରୋଧୀ ଦଳର ନେତାମାନେ ଚାପ ପକାନ୍ତୁ ।

*(ଏ ଲେଖାରେ ଆରିଜୋନା ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ପ୍ରଫେସର ଚିତ୍ତ ବରାଳଙ୍କ ସହାୟତା ନିଆଯାଇଛି ।)*

*ଡି-୩, ବିଜେବି ନଗର, ଭୁବନେଶ୍ୱର-୧୪*